ଶ୍ରୀ ସୁରେଶ ଚନ୍ଦ୍ର

ବନାମ

ଶ୍ରୀ ଜେ. ବି. ଅଗରୱାଲ ଏବଂ ଅନ୍ୟମାନେ

ଏପ୍ରିଲ 4, 1997

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ ନ୍ୟାୟାଧୀଶଦ୍ୱୟ]

*ଭାରତର ସମ୍ବିଧାନ, 1950 : ଅନୁଚ୍ଛେଦ 14,16, ଏବଂ 335 ।*

*ସେବା ଆଇନ - ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି - ସଂରକ୍ଷଣ - ସହକାରୀ ପରିଚାଳକ (ବୈଦ୍ୟୁତିକ) ଭାବରେ କାର୍ଯ୍ୟ କରୁଥିବା ଆବେଦନକାରୀ – ରୋଷ୍ଟର ନିୟମ ପ୍ରୟୋଗ କରି ବରିଷ୍ଠ ପରିଚାଳକ ପଦବୀକୁ ପଦୋନ୍ନତି ପାଇଁ ବିଚାର କରାଯାଇଛି - ଉତ୍ତରଦାତାଙ୍କ ଯୁକ୍ତି ଯେ ସଂରକ୍ଷଣ ନିୟମ ଏକକ ପଦବୀ କ୍ୟାଡରରେ ପ୍ରୟୋଗ ହୋଇପାରିବ ନାହିଁ– ଏହାର ପ୍ରତ୍ୟାଖ୍ୟାନ - ନିର୍ଣ୍ଣୟ ହେଲା ଯେ ସଂରକ୍ଷଣ ନିୟମ ଏକକ ପଦବୀ କ୍ୟାଡରରେ ପ୍ରଯୁଜ୍ୟ ।*

*ଆରତୀ ରାୟ ଚୌଧୁରୀ ବନାମ ଭାରତ ସଂଘ ଏବଂ ଅନ୍ୟାନ୍ୟ, [1974] 2 SCR 1; ଭାରତ ସଂଘ ଏବଂ ଅନ୍ୟାନ୍ୟ ବନାମ ମାଧବ,* **JT (1996) 9 SC 320 ଏବଂ** *ୟୁ. ପି. ରାଜ୍ୟ ବନାମ ଡକ୍ଟର ଦିନାନାଥ ଶୁକ୍ଳା ଏବଂ ଅନ୍ୟାନ୍ୟ,* **JT (1997) 2 SC 467, ଉପରେ ନିର୍ଭର କରିଥିଲେ ।**

*ଡକ୍ଟର ଚକ୍ରଧର ପାଶ୍ୱାନ ବନାମ ବିହାର ରାଜ୍ୟ ଏବଂ ଅନ୍ୟାନ୍ୟ,* **[1988] 2 ଏସ. ସି. ସି. 214, ଏଥିରେ ଅସମ୍ମତି ପ୍ରକାଶ କରିଥିଲେ ।**

*ଚେତନା ଦିଲୀପ ମୋତଘରେ ବନାମ ଭିଡେ ବାଳିକା ଶିକ୍ଷା ସମାଜ, ନାଗପୁର ଏବଂ ଅନ୍ୟାନ୍ୟ,* **[1985] Supp.1 SCC 157**; *ଅହମ୍ମଦାବାଦ ସେଣ୍ଟ ଜାଭିୟର କଲେଜ ବନାମ ଗୁଜରାଟ ରାଜ୍ୟ,* **[1975] 1 SCR 173**; *ଡକ୍ଟର ପ୍ରଦୀପ ଜୈନ ଏବଂ ଅନ୍ୟାନ୍ୟ ବନାମ ଭାରତ ସଂଘ ଏବଂ ଅନ୍ୟାନ୍ୟ,* **[1984] 3 SCC 654**; *ମାରି ଚନ୍ଦ୍ର ଶେଖର ରାଓ ବନାମ ଡିନ୍ ସେଥ୍ ଜି. ଏସ୍. ମେଡିକାଲ୍ କଲେଜ ଏବଂ ଅନ୍ୟାନ୍ୟ,* **[1990] 3 SCC 130** *ଏବଂ ଅଶୋକ କୁମାର ଗୁପ୍ତା ବନାମ ୟୁ. ପି. ରାଜ୍ୟ,* **(1997) 3 ସ୍କେଲ୍ 289, କୁ ଉଲ୍ଲେଖ କରାଯାଇଛି ।**

*ଏସ୍. ବିନୋଦ କୁମାର ଏବଂ ଅନ୍ୟଜଣେ ବନାମ ଭାରତ ସଂଘ,* **ଜେ. ଟି. (1996) 8 ଏସ୍. ସି. 643, ଅପ୍ରଯୁଜ୍ୟ ବୋଲି ନିର୍ଣ୍ଣୟ ହେଲା ।**

ଦେୱାନୀ ଅପିଲୀୟ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 3081/1997 ।

ସି. ଡବ୍ଲ୍ୟୁ. ପି. ସଂଖ୍ୟା 4254/1994ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର 18.4.95 ତାରିଖର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ ଏମ୍. ପି. ରାଜୁ, ସୁଶ୍ରୀ ମେରୀ ସିୟାରିଆ, ଟି. ୟୁ. ରାଜା ଏବଂ ଏଲ୍. ଜେ. ବଡ଼କାରା ।

ଉତ୍ତରଦାତାଙ୍କ ପାଇଁ ସୁଶ୍ରୀ ପିଙ୍କି ଆନନ୍ଦ, ସୁଶ୍ରୀ ଗୀତା ଲୁଥ୍ରା, ଡି. ଗୋବର୍ଦ୍ଧନ ଏବଂ ଆର. ପି. ଗୁପ୍ତା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ମଞ୍ଜୁର କରାଗଲା । ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କ କଥା ଶୁଣିଛୁ ।

ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠର 18 ଏପ୍ରିଲ୍ 1995ରେ CWP ସଂଖ୍ୟା 4254/94ରେ ଦିଆଯାଇଥିବା ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକୃତିପ୍ରାପ୍ତ ସ୍ଥିତି ହେଉଛି ଯେ 1000-1600 ଟଙ୍କା ଦରମା ସ୍ତରରେ ଥିବା ସହକାରୀ ପରିଚାଳକ (ବୈଦ୍ୟୁତିକ) ପଦବୀ, ପଦୋନ୍ନତିର ପରବର୍ତ୍ତୀ ସୋପାନ ହେଉଛି 3000-45000 ଟଙ୍କା ଦରମା ସ୍ତର ବହନ କରୁଥିବା ବରିଷ୍ଠ ପରିଚାଳକ (ବୈଦ୍ୟୁତିକ) । ଯେତେବେଳେ ରୋଷ୍ଟର ନିୟମ ପ୍ରୟୋଗ କରି ଉକ୍ତ ପଦବୀ ପାଇଁ ଆବେଦନକାରୀଙ୍କ ମାମଲା ବିଚାର କରିବାକୁ ଅନୁରୋଧ କରାଯାଇଥିଲା, ଉତ୍ତରଦାତା ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । *ଡକ୍ଟର ଚକ୍ରଧର ପାସୱାନ ବନାମ ବିହାର ରାଜ୍ୟ ଏବଂ ଅନ୍ୟାନ୍ୟ,* [1988] 2 SCC 214 ମାମଲାରେ ଏହି ନ୍ୟାୟାଳୟଙ୍କ ରାୟ ପରେ ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଲେ ଯେ ସଂରକ୍ଷଣର ନିୟମ ଏକକ ପଦବୀ କ୍ୟାଡରରେ ପ୍ରୟୋଗ କରାଯାଇପାରିବ ନାହିଁ କାରଣ ଏହା ସମ୍ବିଧାନର ଅନୁଚ୍ଛେଦ 14 ସହିତ ପଠିତ ଅନୁଚ୍ଛେଦ 16 (1) 100% ସଂରକ୍ଷଣର ଉଲ୍ଲଂଘନ କରିବ *। ଆରତୀ ରାୟ ଚୌଧୁରୀ ବନାମ ଭାରତ ଏବଂ ଅନ୍ୟାନ୍ୟ ସଂଘ,* [1974] 2 SCR 1 ମାମଲାରେ, ଏହି ନ୍ୟାୟାଳୟର ଏକ ସାମ୍ବିଧାନିକ

ଖଣ୍ଡପୀଠ ନିର୍ଣ୍ଣୟ ଦେଇଥିଲେ ଯେ ରୋଷ୍ଟର ନିୟମ ପ୍ରୟୋଗ କରି ଏକକ ପଦବୀରେ ସଂରକ୍ଷଣ ସାମ୍ବିଧାନିକ ଭାବରେ ବୈଧ ଅଟେ । ଏହି ନ୍ୟାୟାଳୟ *ଭାରତ ସଂଘ ଏବଂ ଅନ୍ୟଜଣେ ବନାମ ମାଧବ*, ଜେ. ଟି. (1996) 9 ଏସ୍. ସି. 320 ରେ ସମଗ୍ର ନିର୍ଣ୍ଣିତ ଆଇନକୁ ବିଚାର କରିଛନ୍ତି । ତିନିଜଣ ବିଚାରପତିଙ୍କ ବିଚାରପୀଠ, ଯେଉଁଥିରେ ଆମେ ଦୁହେଁ ସଦସ୍ୟ ଥିଲୁ, ରାୟ ଦେଇଥିଲେ ଯେ, ଆବର୍ତ୍ତନ ନିୟମ ଆଧାରରେ ଏକକ ପୃଥକ ପଦବୀ ମାମଲାରେ, ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ସଂରକ୍ଷିତ ପ୍ରାର୍ଥୀମାନଙ୍କୁ ଏକକ ପଦବୀରେ ପଦୋନ୍ନତି ଦ୍ୱାରା ନିଯୁକ୍ତି ପାଇଁ ସୁବିଧା ଏବଂ ସୁଯୋଗ ପ୍ରଦାନ କରାଯିବା ଉଚିତ ତେଣୁ, ସଂରକ୍ଷଣ ନିୟମର ପ୍ରୟୋଗ ଅସାମ୍ବିଧାନିକ ନୁହେଁ । ତଦନୁସାରେ, ଏହା ଏହିପରି ନିର୍ଣ୍ଣିତ ହେଲା :

> "ଯଦିଓ ଗୋଟିଏ ପଦବୀ ଅଛି, ଯଦି ସରକାର ଏକକ ପଦବୀରେ ସୃଷ୍ଟି ହୋଇଥିବା ଖାଲି ପଦବୀ ପାଇଁ ଆବର୍ତ୍ତନ ନିୟମ ଏବଂ ରୋଷ୍ଟର ପ୍ରସଙ୍ଗ ପ୍ରୟୋଗ କରିଛନ୍ତି ଏବଂ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କ ଦ୍ୱାରା ସେହି ସ୍ଥାନରେ ପୂରଣ କରିବାକୁ ଚେଷ୍ଟା କରାଯାଇଥାଏ, ଯେଉଁଠାରେ ସେମାନେ ବିଚାର ହେବାକୁ ଯୋଗ୍ୟ, ତେବେ ଏପରି ନିୟମ ସମ୍ବିଧାନର ଅନୁଚ୍ଛେଦ 16 (1)ର ଉଲ୍ଲଂଘନ ନୁହେଁ ।"

ଏହି ନୀତିକୁ *ୟୁ. ପି. ରାଜ୍ୟ ବନାମ ଡକ୍ଟର ଦିନାନାଥ ଶୁକ୍ଳା ଏବଂ ଅନ୍ୟଜଣେ*, ଜେ. ଟି.(1997) 2 ଏସ୍. ସି. 467ରେ ପୁନର୍ବାର ଦୋହରାଯାଇଥିଲା । ଉତ୍ତରଦାତାମାନଙ୍କ ପକ୍ଷରୁ ଉପସ୍ଥିତ ଥିବା ବିଜ୍ଞ ଅଧିବକ୍ତା ଶ୍ରୀ ଗୋବର୍ଦ୍ଧନ ଯୁକ୍ତି ଦର୍ଶାଇଛନ୍ତି ଯେ ଏହି ନ୍ୟାୟାଳୟ *ଚେତନା ଦିଲୀପ ମୋଟଘରେ ବନାମ ଭିଡେ ବାଳିକା ଶିକ୍ଷା ସମାଜ, ନାଗପୁର ଏବଂ ଅନ୍ୟାନ୍ୟ,* [1985] Supp.1 SCC 157ରେ ଦିଆଯାଇଥିବା ରାୟକୁ ବିଚାର କରିଛନ୍ତି । ଉକ୍ତ *ରାୟକୁ ମାଧବଙ୍କ ମାମଲାରେ* ବିଚାର କରାଯାଇଥିଲା ଏବଂ ଏଥିରେ ଏକ ପ୍ରଶ୍ନଗତ ତଥ୍ୟ ଭାବରେ ନିର୍ଣ୍ଣୟ ନିଆଯାଇଥିଲା ଯେ ଯେହେତୁ ପ୍ରସଙ୍ଗ ନ୍ୟାୟାଳୟ ସମ୍ମୁଖରେ ରଖାଯାଇ ନଥିଲା, *ଆରତୀ ରାୟ ଚୌଧୁରୀ ମାମଲାରେ* ସମ୍ବିଧାନ ଖଣ୍ଡପୀଠର ରାୟକୁ ଦୃଷ୍ଟିରେ ରଖି, ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ସେହି ମାମଲାର ତଥ୍ୟ ପର୍ଯ୍ୟନ୍ତ ସୀମିତ ରଖିଥିଲେ ଏବଂ ନିର୍ଣ୍ଣୟ ନେଲେ ଯେ ସମୀକ୍ଷା ଆବେଦନକାରୀଙ୍କ ଦ୍ୱାରା ଏଥିରେ ଉଠାଯାଇଥିବା ଯୁକ୍ତିକୁ ସ୍ୱୀକାର କରିବା ସମ୍ଭବ ନୁହେଁ । ତେଣୁ, ଏହି ପଦବୀର ପୁନର୍ବିଚାର କରିବାର କୌଣସି ପ୍ରଶ୍ନ ଉଠୁନାହିଁ । ତା'ପରେ ଏହା ଯୁକ୍ତି ଦିଆଯାଇଛି ଯେ *ଏସ୍. ବିନୋଦ କୁମାର ଏବଂ ଅନ୍ୟଜଣେ ବନାମ ଭାରତୀୟ ସଂଘ* JT (1996) 8 SC 643ରେ ଯେପରି ନିର୍ଣ୍ଣୟ ନିଆଯାଇଥିବାରୁ, ସମ୍ବିଧାନର ଅନୁଚ୍ଛେଦ 16 (4) ଅନୁଯାୟୀ ସଂରକ୍ଷଣର ନିୟମ ଲାଗୁ

କରିବା ସମୟରେ ମୌଳିକ ଯୋଗ୍ୟତାକୁ କୋହଳ କରାଯାଇପାରିବ ନାହିଁ । ସେ ଯୁକ୍ତି ଦେଇଛନ୍ତି ଯେ ଉତ୍ତରଦାତା ଜଣେ ଡିଗ୍ରୀଧାରକ ଯେତେବେଳେ ଆବେଦନକାରୀ କେବଳ ଡିପ୍ଲୋମାଧାରକ । ତେଣୁ, ତାଙ୍କ ମାମଲା ବିଚାରକୁ ନିଆଯାଇ ପାରିଲା ନାହିଁ । ଏହି ପ୍ରଶ୍ନଟି ବିଭାଗୀୟ ପଦୋନ୍ନତି କମିଟି ଦ୍ୱାରା ବିଚାର କରାଯାଇଥିଲା ଏବଂ ଏହା ନିର୍ଣ୍ଣୟ ହୋଇଥିଲା ଯେ ଅନ୍ୟାନ୍ୟ ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ, ଶିକ୍ଷାଗତ ଯୋଗ୍ୟତାକୁ ଛାଡ଼ କରାଯାଇପାରିବ । ଯଦି ଆବେଦନକାରୀ ଅନ୍ୟ ଯୋଗ୍ୟତା ପୂରଣ କରନ୍ତି ତେବେ ତାଙ୍କ ମାମଲା ବିଚାର କରାଯିବ । ତା'ପରେ ସେ ଯୁକ୍ତି ଦେଇଛନ୍ତି ଯେ ଯୋଗ୍ୟତାରେ ଛାଡ଼ ମଞ୍ଜୁର କରାଯାଇପାରିବ ନାହିଁ ବୋଲି ଆଦେଶ ଦୃଷ୍ଟିରୁ ଉକ୍ତ ଛାଡ଼ଟି ମନ୍ଦ ଅଟେ । ସେ ଏଥିପାଇଁ ନିଯୁକ୍ତି ନିୟମ ଉପରେ ନିର୍ଭର କରନ୍ତି । ଆମ ସମ୍ମୁଖରେ ରଖାଯାଇଥିବା ନିଯୁକ୍ତି ନିୟମଗୁଡ଼ିକ ପ୍ରାରମ୍ଭିକ ନିଯୁକ୍ତି ପାଇଁ ମୌଳିକ ଯୋଗ୍ୟତାକୁ ସୂଚିତ କରେ ଯାହାକୁ ଛାଡ଼ କରାଯାଇପାରିବ ନାହିଁ । କିନ୍ତୁ ପଦୋନ୍ନତି ମାମଲାରେ, ଉକ୍ତ ନିୟମ ପ୍ରଯୁଜ୍ୟ ହୁଏ ନାହିଁ । ତେଣୁ, ଆମ ପାଇଁ ଏହି ପ୍ରଶ୍ନରେ ଯିବା ଆବଶ୍ୟକ ନୁହେଁ ଯେ ଆବେଦନକାରୀ ଅନ୍ୟ ଆଧାରରେ ବିଚାର ପାଇଁ ଯୋଗ୍ୟ କି ନାହିଁ । ସେ ଯୋଗ୍ୟ ହେବେ କି ନାହିଁ, ତାଙ୍କ ମାମଲା, ଆଇନ ଅନୁଯାୟୀ ବିଚାର କରାଯିବ ।

ଶ୍ରୀ ଗୋବର୍ଦ୍ଧନଙ୍କ ଦ୍ୱାରା ଯୁକ୍ତି କରାଯାଇଛି ଯେ ଉତ୍ତରଦାତା ଗତ ତିନି ବର୍ଷ ଧରି ବରିଷ୍ଠ ପରିଚାଳକ ପଦବୀରେ ପରିଚାଳକ ଭାବରେ କାର୍ଯ୍ୟ କରୁଛନ୍ତି । ସେ ତିନି ବର୍ଷ ପରେ ଅବସର ନେବାର ସମ୍ଭାବନା ରହିଛି ଏବଂ ତେଣୁ, ତାଙ୍କୁ ପଦୋନ୍ନତି ପଦବୀରେ ରହିବାର ସୁଯୋଗରୁ ବଞ୍ଚିତ ହେବେ । ଆମେ ଏହି ଯୁକ୍ତିକୁ ସ୍ୱୀକାର କରିପାରିବୁ ନାହିଁ । ଯଦି ରୋଷ୍ଟର ନିୟମ ଏକକ କ୍ୟାଡରରେ ପ୍ରୟୋଗ କରାଯାଏ ଏବଂ ରୋଷ୍ଟର ନିୟମ ଅନୁସାରେ ଏକ ସଂରକ୍ଷିତ ପଦବୀ ବିରୁଦ୍ଧରେ ଶୂନ୍ୟସ୍ଥାନ ସୃଷ୍ଟି ହୁଏ, ତେବେ ନିଶ୍ଚିତ ଭାବରେ, ଯେପର୍ଯ୍ୟନ୍ତ ସଂରକ୍ଷିତ ପ୍ରାର୍ଥୀ ପଦୋନ୍ନତି ପାଇଁ ମିଳଥାନ୍ତି, ସେପର୍ଯ୍ୟନ୍ତ ରୋଷ୍ଟର ପ୍ରସଙ୍ଗ ଅନୁଯାୟୀ ପଦବୀ ପୂରଣ କରିବାକୁ ସ୍ଥାନ ଦେବା ଆବଶ୍ୟକ । ଅନ୍ୟଥା, ରୋଷ୍ଟର ପ୍ରସଙ୍ଗ ସ୍ୱୟଂ ଭ୍ରମାତ୍ମକ ଭାବରେ ଉପସ୍ଥାପିତ ହେବ ।

ସେ ଯୁକ୍ତି ଦର୍ଶାଇଛନ୍ତି ଯେ *ପାସୱାନଙ୍କ ମାମଲାରେ,* ଏକକ ପଦବୀରେ ପଦୋନ୍ନତିରେ ସଂରକ୍ଷଣ *ଦେବଦାସନ ମାମଲାର* ସମ୍ବନ୍ଧର ବିରୋଧାତ୍ମକ ଏବଂ ସମ୍ବିଧାନର ଅନୁଚ୍ଛେଦ 16 (1) ଏବଂ 16 (2)ର ଉଲ୍ଲଙ୍ଘନକାରୀ ବୋଲି ନିର୍ଣ୍ଣୟ ନିଆଯାଇଥିଲା । ସେହି ନୀତି ଆଇନର ସଠିକ୍ ନୀତି ନୁହେଁ । ଏହା *ଅହମ୍ମଦାବାଦ ସେଣ୍ଟ ଜାଭିୟର କଲେଜ ବନାମ ଗୁଜରାଟ ରାଜ୍ୟ,* [1975] 1 SCR 173 ରେ ଏହି ନ୍ୟାୟାଳୟର ନଅ ଜଣ ବିଚାରପତିଙ୍କ ଖଣ୍ଡପୀଠଙ୍କ ରାୟର ଏହା ଉଲ୍ଲଙ୍ଘନ ଅଟେ;

*ଆରତୀ ରାୟ ଚୌଧୁରୀଙ୍କ ମାମଲା*ରେ ସମ୍ବିଧାନ ଖଣ୍ଡପୀଠଙ୍କ ରାୟ; *ଡକ୍ଟର ପ୍ରଦୀପ ଜୈନ ଏବଂ ଅନ୍ୟାନ୍ୟ ବନାମ ଭାରତ ସଂଘ,* [1984] 3 SCC 654; *ମାରି ଚନ୍ଦ୍ର ଶେଖର ରାଓ ବନାମ ଡିନ୍, ସେଥ୍ ଜି. ଏସ୍. ମେଡିକାଲ୍ କଲେଜ ଏବଂ ଅନ୍ୟାନ୍ୟ,* [1990] 3 SCC 130 ଏବଂ *ଅଶୋକ କୁମାର ଗୁପ୍ତା ବନାମ ୟୁ. ପି. ରାଜ୍ୟ,* [1997] 3 ସ୍କେଲ୍ 289 ।

ତଦନୁସାରେ, ଆବେଦନକୁ ଅନୁମତି ଦିଆଯାଇଛି । ଆଜ୍ଞାଦେଶ ଆବେଦନ ଖାରଜ ହୋଇଛି କିନ୍ତୁ, ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ଟି. ଏନ୍. ଏ. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।